**କର୍ମୀଙ୍କ ସହ ବୈଠକ କଲେ ଏମ୍ପି**

ପରଜଙ୍ଗ, (ନିଗମାନନ୍ଦ ଦଳବେହେରା): ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତର ପରମହଂସପୁର ଠାରେ ଥିବା ଭାଜପା କାର୍ଯ୍ୟାଳୟରେ ଶନିବାର ଏମ୍ପି ରୁଦ୍ର ନାରାୟଣ ପାଣି କର୍ମୀମାନଙ୍କ ସହିତ ବୈଠକ କରିଛନ୍ତି। ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀମାନଙ୍କ ସହିତ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବୈଠକରେ ବହୁ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୁଆଲୋ ସରପଞ୍ଚ ଅଜିତ କୁମାର ସାହୁ, ପିତିରୀ ସରପଞ୍ଚ ଅଶୋକ ବ୍ରହ୍ମା, କଲଦା ସରପଞ୍ଚଙ୍କ ପ୍ରତିନିଧି, କନ୍ତୋର ସରପଞ୍ଚଙ୍କ ପ୍ରତିନିଧିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# କ୍ୟାଣ୍ଡେଲ ଧରି ନ୍ୟାୟ, ସୁରକ୍ଷା ମାଗିଲେ ଡାକ୍ତର




ଅନୁଗୋଳ,୧୭।୮ (ଜ୍ୟୋତିରଞ୍ଜନ ସାହୁ)

କୋଲକାତାସ୍ଥିତ ଆର୍.ଜି. ମେଡିକାଲ କଲେଜରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦ ସହ ନ୍ୟାୟ ଦାବିରେ ଶନିବାର ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମଏ) ଡାକରାରେ ଅନୁଗୋଳ ଜିଲାର ସମସ୍ତ ଡାକ୍ତର ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସହରରେ ଶୋଭାଯାତ୍ରା କରିଥିଲେ। ଅପରାହ୍ନରେ ଏହି ଶୋଭାଯାତ୍ରା ଶୈଳ ଶ୍ରୀକ୍ଷେତ୍ର ମନ୍ଦିରଠାରୁ ବାହାରିଥିଲା। ଆଇଏମଏ ସଭାପତି ଡା. ବିଛନ୍ଦ ଚରଣ ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟମାନେ ଉକ୍ତ ଘଟଣାରେ ସମସ୍ତ ଦୋଷୀଙ୍କୁ ଗିରଫ କରାଯିବା, ଡାକ୍ତରମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବା, ମୃତ ମହିଳା ଡାକ୍ତରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ବରିଷ୍ଠ ଡାକ୍ତର ପ୍ରଭାତ କୁମାର ପଣ୍ଡା, ବିଶ୍ୱଜିତ ସାମଲ, ଚୈତନ୍ୟ ମାରାଣ୍ଡି, ବିଭୁ ପ୍ରସାଦ ଷଡ଼ଙ୍ଗୀ, ମହାମିଳନ ମୁର୍ମୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିଭଳି ଆଇଡିଏ ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ଡା. ଶଶାଙ୍କ ଶେଖର ସାହୁ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରି ଅନୁଗୋଳ ରୟାଲ ପକ୍ଷରୁ ଡା. ସୌମ୍ୟକାନ୍ତ ବିଶୋଇ, ଅଶୋକ ମାଣ୍ଡୋଠିଆ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଅନ୍ୟ ସଙ୍ଗଠନମାନଙ୍କ ମଧ୍ୟରେ ଜେସିଆଇ, କ୍ୟାଟ, ଓମସା, ଦନ୍ତ ଚିକିତ୍ସକ ସଂଘ, ଫାର୍ମାସିଷ୍ଟ ସଂଘ, ମାରୱାଡି ଯୁବା ମଞ୍ଚ, ରୋଟାରି କ୍ଲବ, ଲାୟନ୍ସ କ୍ଲବ, ଜିନ୍ଦଲ ମହିଳା ସଂଘ, ବଣିକ ସଂଘ, ଏଡିସିସିଆଇ, ଅଶ୍ରୁର ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହାଛଡା ଅନୁଗୋଳର ସାମାଜିକ କର୍ମୀ ପର୍ଶୁରାମ ଦାଶ, ବ୍ରହ୍ମଜ୍ୟୋତି ମିଶ୍ର, ଚିନ୍ମୟୀ ଦାସ, ସୌମ୍ୟ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ।

## ମୋବାଇଲ ଦୋକାନରୁ ଚୋରି

ବଇଣ୍ଡା, ୧୭।୮ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ହାଟପଦା ଅଞ୍ଚଳରେ ଥିବା ଲିଙ୍କନ ବେହେରାଙ୍କ ମୋବାଇଲ ଦୋକାନରୁ ତାଲା ଭାଙ୍ଗି ଚୋରି ହୋଇଛି। ଶନିବାର ଦୋକାନ ଖୋଲିବା ପରେ ମୋବାଇଲ, ଲାପଟପ ଚୋରି ହୋଇଥିବା ଜାଣି ଲିଙ୍କନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୧୭।୮ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡ଼ା ଗ୍ରାମର ମମତା ପ୍ରଧାନଙ୍କୁ ସେହି ଗ୍ରାମର ଅରୁତା ନାୟକ ଓ ତାଙ୍କ ସ୍ତ୍ରୀ ଗୁନୁ ନାୟକ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୭୧/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଉଭୟ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ମମତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଗୁନୁ ଏକ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୭୨/୨୪ରେ ମାମଲା ରୁଜୁ କରିଛି।

## ଡାକ୍ତରଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା

ମାଧପୁର,୧୭।୮ (ମନୋଜ ପ୍ରଧାନ)

କୋଲକାତାର ଆର.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଉପଯୁକ୍ତ ନ୍ୟାୟ ଦାବି କରି ଆଠମଲ୍ଲିକ ବ୍ଲକ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଏବଂ କର୍ମଚାରୀ ଶନିବାର କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଘଟଣାକୁ ସେମାନେ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ଦାବିରେ ସେମାନେ କ୍ୟାଣ୍ଡେଲ ଧରି ମାଧପୁର ବଜାର ପରିକ୍ରମା କରିଥିଲେ।



# ହାତୀଜନିତ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ

କାମାକ୍ଷାନଗର,୧୭।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଏମ୍ପି ରୁଦ୍ର ନାରାୟଣ ପାଣି ଶନିବାର କାମାକ୍ଷାନଗର ଡାକ ବଙ୍ଗଳା ପରିସରରେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗତ ୧୪ ତାରିଖରେ ମହାବିରୋଡ ରେଞ୍ଜ୍ କୁଟୁରିଆ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ରଣଜିତ ବିଶ୍ୱାଳ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବାରୁ ଏମ୍ପି ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ମହାବିରୋଡ ରେଞ୍ଜ ଅଧିକାରୀଙ୍କ ସହ ଯୋଗାଯୋଗ କରି ହାତୀ-ମଣିଷ ଲଢ଼େଇ ରୋକିବା ଦିଗରେ ବନବିଭାଗ ଯତ୍ନବାନ ହେବା ସହ ମୃତ ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବିଭିନ୍ନ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ନିଯୁକ୍ତି ଓ ଚାଷ ପାଇଁ ଆବଶ୍ୟକ ସାର, ଔଷଧ ମହଜୁଦ ରଖିବା ପାଇଁ କୃଷି ବିଭାଗକୁ ପରାମର୍ଶ ଦେଇଥିଲେ। ପ୍ରାୟ ୨୧ଜଣ ଲୋକଙ୍କ ବ୍ୟକ୍ତିଗତ ଅଭିଯୋଗ ଶୁଣି ସମାଧାନ ଦିଗରେ ଯତ୍ନବାନ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ନେତା ରଣଜିତ ସାହୁ, ରବି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍ପି ରୁଦ୍ର ନାରାୟଣ ପାଣି ଲୋକଙ୍କ ସମସ୍ୟା ବୁଝୁଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଷେକ ସମାରୋହ

ଢେଙ୍କାନାଳ,୧୭।୮ (ରତନ ନାୟାର)

ଢେଙ୍କାନାଳ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଅଭିଷେକ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩୬ଗୋଟି ବିଭାଗର ମୋଟ ୯୦ ଜଣ ଛାତ୍ରୀଛାତ୍ରଙ୍କୁ ଅଭିଷିକ୍ତ କରାଯାଇଥିଲା। ମନୋନୀତ ହୋଇଥିବା ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଶପଥପାଠ କରିଥିଲେ। ପ୍ରିନ୍ସିପାଲ ଶିଶିର କୁମାର ଦାଶ ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବାଳକ ବିଭାଗରେ ବିଦ୍ୟାଳୟର କ୍ୟାପଟେନ ଭାବେ ସଙ୍କେତ ଶୁଭଙ୍କର ଓ ବାଳିକା ବିଭାଗରେ ଗୌତମୀ ପ୍ରିୟଦର୍ଶିନୀ ବିଶ୍ୱାଳଙ୍କୁ ଅଭିଷିକ୍ତ କରାଯାଇଥିଲା। କ୍ରୀଡ଼ା, ସାଂସ୍କୃତିକ, ସାକ୍ଷରତା, ପାଠ୍ୟକ୍ରମ କାର୍ଯ୍ୟକ୍ରମ ଆଦି ବିଭାଗରେ କ୍ୟାପଟେନ ଓ ଭାଇସ କ୍ୟାପଟେନ ଚୟନ କରାଯାଇଥିଲା। ଶିକ୍ଷକ ରତ୍ନାକର ପ୍ରଧାନ ଓ ଶିକ୍ଷୟିତ୍ରୀ ସ୍ମିତାରାଣୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହାୟତା କରିଥିଲେ। ବରିଷ୍ଠ ଶିକ୍ଷକ ଦୁଃଶାସନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।




କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଷେକ ସମାରୋହ ଅବସରରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

## ଜରଡ଼ାଠାରେ ସ୍ୱାଧୀନତା ଦିବସ

ଅନୁଗୋଳ,୧୭।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ଜରପଡ଼ାସ୍ଥିତ ଜରଡା ଛକ ଠାରେ ଜିନ୍ଦଲ କ୍ଷତିଗ୍ରସ୍ତ ଜନକଲ୍ୟାଣକାରୀ ସଂଘ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଭାପତି ଶୁଭ୍ରକାନ୍ତ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ତଥା ଆଞ୍ଚଳିକ ସଂସ୍କୃତି ସଂଘ ସଭାପତି ପ୍ରମୋଦ ସାହୁ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ଜିଲା ପାଇକ ଆଖଡା ସଂଘ ସଂଯୋଜକ ରଞ୍ଜନ କୁମାର ବିଶୋଇ ଯୋଗଦାନ କରି ପାଇକ ବିଦ୍ରୋହ ଉପରେ ଆଲୋକପାତ କରିଥିଲେ। ଅନୁଗୋଳ ଜିଲା କ୍ଷତ୍ରିୟ ମହାସଂଘ ସଭାପତି ସୁବୋଧ କୁମାର ସିଂ, ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରଶାନ୍ତ କୁମାର ପୃଷ୍ଟି, ଜରଡ଼ା ଗ୍ରାମ ସଭାପତି ଯୋଗେଶ୍ୱର ପ୍ରାଧନ, ଆଇନଜୀବୀ ସୋମନାଥ ରାଉତ ଓ ଜରଡ଼ା ସରପଞ୍ଚ ରତ୍ନାକର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



# ଅମିୟ ଚାନ୍ଦଙ୍କୁ ସିଟିଜେନ୍ ଏକ୍ସଲେନ୍ସ ଆୱାର୍ଡ

ଢେଙ୍କାନାଳ,୧୭।୮ (ରତନ ନାୟାର)

ଭାରତୀୟ ନୌସେନାର ଟେକ୍‌ନିସିଆନ୍ ଢେଙ୍କାନାଳର ଡ. ଅମିୟ କୁମାର ଚାନ୍ଦଙ୍କୁ ଶନିବାର ଭୁବନେଶ୍ୱର ରୋଟାରି ଭବନରେ ରୋଟାରି ଇଣ୍ଟରନ୍ୟାଶନାଲ୍ ଡିଷ୍ଟ୍ରିକ୍ଟ-୩୨୬୨ ଦ୍ୱାରା ଆୟୋଜିତ ସମାରୋହରେ ରୋଟାରି ସିଟିଜେନ୍ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଉଛି। ଡ. ଅମିୟ କୁମାରଙ୍କୁ ସେବା ନିବୃତ ଲ୍ୟୁଟନାଣ୍ଟ ଜେନେରାଲ୍ ନାରାୟଣ ମହାନ୍ତି, ଏୟାର୍ ମାର୍ଶାଲ୍ ଜ୍ୟୋତି ନାରାୟଣ ବର୍ମା ଓ ଭାଇସ୍ ଆଡମିରାଲ୍ ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଟାରି ଚେୟାର୍‌ମ୍ୟାନ ରୁଦ୍ର ପ୍ରକାଶ ମହାପାତ୍ର ପରିଚାଳନା କରିଥିଲେ।




ଅମିୟ ଚାନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ମହାସଂଘ ନିର୍ବାଚନ ପାଇଁ ଡିଜିପିଙ୍କୁ ଅନୁରୋଧ

ଢେଙ୍କାନାଳ,୧୭।୮ (ରତନ ନାୟାର)

ରାଜ୍ୟର ନୂଆ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ କଟକ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଶନିବାର ଢେଙ୍କାନାଳ ପ୍ରଥମ ଓଏସ୍ଏପି ବାଟାଲିୟନ ଶାଖା ସଂଘର କର୍ମକର୍ତ୍ତା ସୌଜନ୍ୟମୂଳକ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସଂଘ ସଭାପତି କିଶୋର ମହାନ୍ତି ଓ ସମ୍ପାଦକ ନିବାରଣ ଦାସ ମହାସଂଘ ନିର୍ବାଚନ କରିବା ପାଇଁ ନୂଆ ଡିଜିପିଙ୍କୁ ଅନୁରୋଧ କରିଥିଲେ।



ନୂତନ ଡିଜିପିଙ୍କୁ ଭେଟୁଛନ୍ତି ପ୍ରଥମ ବାଟାଲିୟନ ଶାଖା ସଂଘ କର୍ମକର୍ତ୍ତା।

# ଜିଲା ଓମ୍‌ସା ଶାଖା ପକ୍ଷରୁ ସୁରକ୍ଷା, ନ୍ୟାୟ ଦାବି

ଢେଙ୍କାନାଳ,୧୭।୮ (ରତନ ନାୟାର)

**ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦ**

କୋଲକାତାର ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପିଜି ମେଡିକାଲ ଛାତ୍ରୀ ତଥା ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାର ଢେଙ୍କାନାଳ ଜିଲା ଓମ୍‌ସା ପକ୍ଷରୁ ଶନିବାର ତୀବ୍ର ପ୍ରତିବାଦ କରାଯାଇଛି। ଓମ୍‌ସା ପକ୍ଷରୁ ଏହି ଘଟଣାକୁ ତିବ୍ର ନିନ୍ଦା କରାଯିବା ସହ ଡାକ୍ତରମାନଙ୍କ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ଦାବି ଜୋର ଧରିଛି। ଏଥିପାଇଁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜରୁରୀ ସେବାକୁ ଛାଡ଼ି ଅନ୍ୟ ସମସ୍ତ କାର୍ଯ୍ୟ ବନ୍ଦ ରହିଥିଲା। ଡାକ୍ତରମାନେ କଳାବ୍ୟାଜ୍ ପରିଧାନ କରି ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରତିବାଦ କରିଥିବା ବେଳେ ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀ ଘଟଣାର ପ୍ରତିବାଦ କରିଥିଲେ। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଳୟର ମହିଳା ଡାକ୍ତର ଡା. ଶୁଭେଚ୍ଛା ପ୍ରଧାନ କହିଛନ୍ତି, ରୋଗୀସେବା କରୁଥିବା ବେଳେ ଡାକ୍ତରଙ୍କ ସୁରକ୍ଷା ନିତାନ୍ତ ଜରୁରୀ ହୋଇପଡିଛି। ମହିଳା ଡାକ୍ତରମାନେ ସୁରକ୍ଷିତ ନୁହନ୍ତି ବୋଲି ଘଟିଥିବା ଘଟଣାରୁ ଜଣାପଡୁଛି। ସରକାର ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ଓମ୍‌ସା ଜିଲା ସଭାପତି ଡା. ରଞ୍ଜନ କୁମାର ସାମଲ କହିଛନ୍ତି, ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ଦୃଢ ଭାବରେ ନିନ୍ଦା ସହ ପ୍ରତିବାଦ କରାଯାଇଛି। ଡାକ୍ତରମାନଙ୍କୁ ତୁରନ୍ତ ସୁରକ୍ଷା ପ୍ରଦାନ କରାଯାଉ। ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# ୧୯ ବର୍ଷରୁ କମ୍ ରାଜ୍ୟ ମହିଳା କ୍ରିକେଟ୍ ଦଳରେ ଭୁବନର ଖୁସି

ଭୁବନ, ୧୭।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ଖୁସି ମୁଖୀ ରାଜ୍ୟ ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ପାଇଁ ମନୋନୀତ ହୋଇଛନ୍ତି। ସେ ଭୁବନ ବାଜି ରାଉତ କଲେଜରେ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇଛନ୍ତି। ସେ ଭୁବନ କ୍ରିକେଟ କ୍ଲବର ମହିଳା ଟିମ୍‌ରେ ଅଭ୍ୟାସ କରିଥିଲେ। ତାଙ୍କ କ୍ରିକେଟ ପ୍ରତିଭାକୁ ନେଇ ଭୁବନବାସୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି। ଅଭ୍ୟାସ କ୍ୟାମ୍ପକୁ ମନୋନୀତ ହେବା ପରେ ଭୁବନ ଏନଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଖୁସିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଖୁସିଙ୍କ କୋଚ ରାଜେଶ ଜେନାଙ୍କୁ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଖୁସିଙ୍କ ମା ଓ ବାପା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି।



# ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ: କଙ୍କଡ଼ାହାଡ଼ ଚାମ୍ପିୟନ

ଢେଙ୍କାନାଳ,୧୭।୮ (ରତନ ନାୟାର)

ଢେଙ୍କାନାଳ ଟାଉନ କ୍ଲବ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଙ୍କଡ଼ାହାଡ଼ ବ୍ଲକ ଫୁଟବଲ ଦଳ ପେନାଲଟି ସୁଟ୍ ଆଉଟରେ ୫-୪ ଗୋଲରେ କାମାକ୍ଷାନଗର ବ୍ଲକ ଫୁଟ୍‌ବଲ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୧-୧ ଗୋଲ କରିବାରୁ ପେନାଲଟି ସୁଟ ଆଉଟ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍ପି ରୁଦ୍ର ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ରାଜ୍ୟ ରୋଇଂ ଫେଡେରେଶନ ସମ୍ପାଦକ ଅମରଜ୍ୟୋତି ସିଂହଦେଓ, ଟାଉନ କ୍ଲବ ସଭାପତି ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ବରିଷ୍ଠ ଆଇନଜୀବୀ ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରୋତ୍ସାହନ ଓ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ରଙ୍କ ସହଯୋଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟାଉନ କ୍ଲବ ପକ୍ଷରୁ ପ୍ରଦୀପ୍ତ ତ୍ରିପାଠୀ, ଅଭିଜିତ୍ ମିଶ୍ର, ସଞ୍ଜିବ ତ୍ରିପାଠୀ, ଶିବସାଇ ମହାପାତ୍ର, ଅଶ୍ୱିନୀ ଦାସ, ଶୁଭ୍ରାଂଶୁ ଦଳେଇ ପ୍ରମୁଖ ଜିଲା କ୍ରୀଡ଼ା ସଂଘ, ଜିଲା ପ୍ରଶାସନ, ମ୍ୟାଚ ପରିଚାଳକ ଓ ପ୍ରଶିକ୍ଷକ, ସମସ୍ତ ଅଂଶଗ୍ରହଣକାରୀ ଦଳକୁ ସାଧୁବାଦ ଜଣାଇଛନ୍ତି।



ଫାଇନାଲ ମ୍ୟାଚ ପୂର୍ବରୁ ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ଭୁବନ,୧୭।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଓଡ଼ିଶ ଗ୍ରାମର ଚାଷୀ ହରିହର ବେହେରା (୬୫)ଙ୍କ ଶନିବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁ ହୋଇଛି। ହରିହର ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ତାଙ୍କ ପକେଟରେ ଥିବା ମୋବାଇଲ ଫାଟିଯିବା ସହ ଛାତି ଜଳିଯାଇଥିଲା। କିଛି ଦୂରରେ ଥିବା ଅନ୍ୟ ଚାଷୀମାନେ ଏହା ଦେଖି ହରିହରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ହରିହରଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଢେଙ୍କାନାଳ ଏମ୍ପି ରୁଦ୍ରନାରାୟଣ ପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହିତ ଗଭୀର ଶୋକ ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଭୁବନ ଥାନାରେ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମଦମୁକ୍ତ ଦାବିରେ ଆନ୍ଦୋଳନ ତେଜିଲା




ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା।

ଢେଙ୍କାନାଳ,୧୭।୮ (ରତନ ନାୟାର)

ଓଡ଼ିଶାରେ ମଦ ସମ୍ପୂର୍ଣ୍ଣ ବନ୍ଦ ପାଇଁ ସଂଗ୍ରାମ କରୁଥିବା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ଜିଲା ସର୍ବୋଦୟ ମଣ୍ଡଳର ମିଳିତ ସହଯୋଗରେ ଶନିବାର ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଦିଆଯାଇଥିଲା। ଜିଲା ସର୍ବୋଦୟ ମଣ୍ଡଳ ସଭାପତି ପ୍ରଦୀପ ସାହ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାର ତୁରନ୍ତ ସମସ୍ତ ମଦ ଦୋକାନକୁ ବନ୍ଦ କରିବା ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟରେ ମଦ ବନ୍ଦ କରିବା ପାଇଁ ଭାଜପା ପକ୍ଷରୁ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦିଆଯାଇଥିବାରୁ ସରକାର ତୁରନ୍ତ ସମସ୍ତ ମଦଦୋକାନ ବନ୍ଦ କରନ୍ତୁ ବୋଲି ସର୍ବୋଦୟ କର୍ମୀ ବନିତା ସାମଲ, ଜିଲା ସଂଯୋଜକ ସରୋଜ ଶତପଥୀ, ଉର୍ବଶୀ ନାୟକ, ଉତ୍କଳ ସର୍ବୋଦୟ ମଣ୍ଡଳ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ସର୍ବୋଦୟ ପତ୍ରିକା ପରିଚାଳକ ଇନ୍ଦୁମତି ସାହୁ, ସ୍ମିତାରାଣୀ ସାମଲ, ରାଜ୍ୟ ସଦସ୍ୟ ମଳୟ ତ୍ରିପାଠୀ, ଖଗେଶ୍ୱର ବଳ, ଶାନ୍ତିଲତା ବେହେରା, ବବିତା ବେହେରା, ଆପ୍ ଜିଲା ସଭାପତି ପଙ୍କଜ ନାୟକ, ହେତୁବାଦୀ ବାମଦେବ ପରିଡା, କଂଗ୍ରେସ ଜିଲା ସଭାପତି ସୁନୀଲ ଦାଶ ଓ ବାସନ୍ତୀ ସ୍ୱାଇଁ ପ୍ରମୁଖ ଦାବି କରିଥିଲେ।

